ODM EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :8**
**CLASS :3**
**SUBJECT : ODIA**
**CHAPTER NUMBER: 08**
**CHAPTER NAME :ସୁନ୍ଦର ଆମ ଘର**
**SUBTOPIC : ଅଭ୍ୟାସ -୮,୧୦ ,୧୧ ଓ ୧୨**

CHANGING YOUR TOMORROW

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ପଠନ,କଥନ,ଶ୍ରବଣ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା |



ODM EDUCATIONAL GROUP
Changing your Tomorrow


216

# ସୁନ୍ଦର ଆମ ଘର





ଆମେ ଯେଉଁ ଘରେ ରହୁ ସିଏ ଭାରି ସୁନ୍ଦର
ଧୂଳି ଅଳନ୍ଧୁ ନଥାଏ ବଡ ସଫାସୁତର ।
ଜାତିଜାତି ମନ୍ଦାରରେ ହସେ ଆମ ବଗିଚା
ନିରିମଳ ପରିବେଶ ଚାରିଆଡ ଫରଚା ।
ଘରଟି ଆମର ଅଛି ନଈବନ୍ଧ କଡରେ
ଅପରାଜିତାର ଲତା ମାଡିଥାଏ ବାଡରେ ।
ପଢାପଢି ସାରିଦେଇ ଭାଇବନ୍ଧୁ ମେଳରେ
ଆନନ୍ଦରେ ଖେଳ ଖେଳୁ ନିତି ସଞ୍ଜବେଳରେ ।
ସୁନ୍ଦର ଘରକୁ ଆମେ କରୁନା ତ ଅସନା
ଆନନ୍ଦରେ ଥାଉ ସଦା ମନମାରି ବସୁନା ।

ODM EDUCATIONAL GROUP
Changing your Tomorrow

## ଅଭ୍ୟାସ -୮

ତୁମ ଘର ଓ ବିଦ୍ୟାଳୟ କେଉଁ ସମୟରେ ସଫା କରାଯାଏ କୁହ ଓ ଲେଖ ।

ସକାଳେ ଓ ସନ୍ଧ୍ୟାରେ ଘର ସଫା କରାଯାଏ

ବିଦ୍ୟାଳୟ ଆରମ୍ଭ ପୂର୍ବରୁ ଓ ଛୁଟି ପରେ ବିଦ୍ୟାଳୟ ସଫା କରାଯାଏ

## ଅଭ୍ୟାସ -୧୦ କଣ କଲେ ଅସନା ହୁଏ ?

୧ –ଜିନିଷ ସବୁ ସଜାଡି ନ ରଖିଲେ

୨ – ଘର ଭିତର ଝାଡୁ ନ କଲେ

୧ -ଘର ଚାରିପାଖ ପ୍ରତିଦିନ ଝାଡୁ ନ କଲେ

୨ –ଘର ଚାରିପାଖରେ ଥିବା ଅନାବନା ଗଛ ଘାସ ଲତା ଆଦି ସଫା ନ କଲେ

# ଅଭ୍ୟାସ -୧୦ କଣ କଲେ ଅସନା ହୁଏ ?

୩ –ପରିବା  କାଟି ଚୋପା ଡଷ୍ଟବିନରେ ନ ପକାଇଲେ
୪ –ପଚାସଢା  ଜିନିଷ-ଫଳ ପରିବା ଆଦି ଡଷ୍ଟବିନରେ ନପକାଇଲେ  ।
୫ –ଲୁଗା,ବାସନ କୁସନ ,ଖାଦ୍ୟ ଜିନିଷ ,ବହିପତ୍ର ଆଦି ଜିନିଷ ଯଥା ସ୍ଥାନରେ ସଜାଡି ସାଇତି ନ ରଖିଲେ ।

୩-ଶୁଖିଲା ଡାଳପତ୍ର  ଘର ବାହାରେ ଗଦା କଲେ
୪-ଅଳିଆ ଓ ଖାଦ୍ୟଦ୍ରବ୍ୟ ବାହାରେ ପକାଇଲେ ।
୫ –ଘରର ଚାରିପାଖରେ ଥିବା ଅଳିଆ ଗୁଡିକୁ ସଫା ନ କଲେ ଓ ଛେପ ଖଙ୍କାର ଆଦି ବାହାରେ ପକାଇଲେ ।

ODM EDUCATIONAL GROUP
Changing your Tomorrow

## ଅଭ୍ୟାସ -୧୧ ଘର ଓ ଘର ଚାରିପାଖ ଅସନା ହେଲେ ତୁମର କଣ କ୍ଷତି ହେବ ?

ଘର ଓ ଘର ଚାରିପାଖ ଅସନା ହେଲେ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଯଥା –ଝାଡା ,ବାନ୍ତି ,ଜ୍ୱର (ଡେଙ୍ଗୁ ,ଟାଇଫଏଡ ,ମ୍ୟାଲେରିଆ ଆଦି ରୋଗରେ ପୀଡିତ ହେବା |ଲୋକମାନେ ଆମକୁ ଆଦର କରିବେ ନାହିଁ ଏବଂ ଆମେ ସୁସ୍ଥ ଜୀବନ ଯାପନ କରି ପାରିବା ନାହିଁ |

ODM EDUCATIONAL GROUP
Changing your Tommorrow

ଅଭ୍ୟାସ -୧୧ ଘର ଓ ଘର ଚାରିପାଖ ଅସନା ହେଲେ ତୁମର କଣ କ୍ଷତି ହେବ ?

ଘର ଓ ଘର ଚାରିପାଖ ଅସନା ହେଲେ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଯଥା –ଝାଡା ,ବାନ୍ତି ,ଜ୍ୱର (ଡେଙ୍ଗୁ ,ଟାଇଫଏଡ ,ମ୍ୟାଲେରିଆ ଆଦି ରୋଗରେ ପୀଡିତ ହେବା |ଲୋକମାନେ ଆମକୁ ଆଦର କରିବେ ନାହିଁ ଏବଂ ଆମେ ସୁସ୍ଥ ଜୀବନ ଯାପନ କରି ପାରିବା ନାହିଁ |

ODM EDUCATIONAL GROUP
Changing your Tommorrow

# ତୁମେ କଦଳୀ ଖାଇ ସାରିବା ପରେ ଚୋପାକୁ କେଉଁଠି ପକାଇବ





# ପ୍ରଶ୍ନ ଉତ୍ତର ଦିଅ



ଆମେ ରହୁଥିବା ଘରଟି କିପରି ଅଟେ ?
ଆମେ ଆମ ଘରକୁ କିପରି ରଖିବା ଉଚିତ ?
ଜାତି ଜାତି  ମନ୍ଦାରରେ କଣ ହସିଉଠେ ?
ଘରଟି ଆମର କେଉଁଠାରେ ଅବସ୍ଥିତ ?
ବାଡରେ କେଉଁ ଲତା ମାଡିଥାଏ ?
ଆମେ କଣ ସାରିଦେଇ ଭାଇବନ୍ଧୁ ମେଳରେ ଖେଳ ଖେଳୁ ?
ଆମେ ଆନନ୍ଦ ମନରେ କେତେ ବେଳେ ଖେଳ ଖେଳୁ ?
ସୁନ୍ଦର ଘରକୁ ଆମେ କଣ କରିବା ଉଚିତ ନୁହେଁ ଓ କିପରି ରଖିବା ଉଚିତ ?

ODM EDUCATIONAL GROUP
Changing your Tommorrow

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର  ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP